# Central University Odisha celebrates foundation day

STATESMAN NEWS SERVICE
KORAPUT, 29 AUGUST:

Union Ministers Dr Ramesh Pokhriyal Nishank and Dharmendra Pradhan addressed the foundation day celebration of the Central University of Odisha in virtual mode today.

President of India and Visitor of central universities Ram Nath Kovind has greeted the University fraternity on the occasion. In his message he stressed the need for value based education for the growth and development of the students and the youth.

Governor of Odisha, Prof. Ganeshi Lal through video message talked about the importance of Indian traditional education and hoped that the nation will make use of the traditional knowledge under the new Education Policy. He gave importance to 'Sunrise Technology' culture which means promotion of Indian culture.

Chief Minister Naveen Patnaik greeted the University fraternity and assured all help to the University in achieving higher goals.

Foundation stone of three permanent buildings was laid by Dr. Ramesh Pokhriyal 'Nishank' and Dharmendra Pradhan.

Dr. Pokhriyal congratulated the University and praised the efforts of the Central University of Odisha during the COVID 19 period by launching the 'Bharosa' programme, which helped a lot of students in overcoming the pandemic trauma through counselling.




He further praised the University for successfully conducting the Home Based Open Book Examination.

Dharmendra Pradhan analysed various schemes of the central government which could be helpful in the upliftment of the society.

He stressed the need for more collaborative efforts from the University for achieving great heights. It includes the mentorship programme under the National Research Foundation, Academia-industry linkage, research in tribal and anthropological studies and consultancy service with prominent industries of the locality like Hindustan Aeronautics Limited (HAL) and NALCO.

Vice Chancellor of Central University of Odisha Prof. I. Ramabrahmam who earlier unfurled the University flag, highlighted the achievements of the University and also described the future plans. He focused on starting new courses especially science programmes which will definitely enhance the scientific temper among the students.

The Foundation Day lecture was delivered by Dr. Sanjeev Sanyal, Principal Economic Adviser, Government of India.

He spoke on the rich educational opportunities in India and stressed the need for practical life education for the students so that they can know the actual world by coming out of the bookish world.

He urged the students to educate themselves to meet challenges of the new changing world.

He said that the new education policy will be highly helpful in this aspect.

# CUO fest: Stress on value-based education

**PNS ■ KORAPUT**



The Central University of Odisha (CUO) Koraput celebrated its 12th Foundation Day on Saturday with President of India and Visitor of Central Universities Ram Nath Kovind greeting the CUO fraternity on the occasion and stressing the need for value-based education.

Governor Prof Ganeshi Lal through video talked about the importance of Indian traditional education. He emphasised on 'Sunrise Technology' culture meaning promotion of Indian culture.

Chief Minister Naveen Patnaik, in a message, assured all help to the university in achieving higher goals.

Foundation stones of the university's three permanent buildings were laid by Union Minister of Education Ramesh Pokhriyal 'Nishank' and Union Minister of Petroleum & Natural Dharmendra Pradhan. Pradhan urged the students to be the torchbearers of Atmanirbhar Bharat.

CUO Vice-Chancellor Prof I Ramabrahmam, who earlier inaugurated the programme, highlighted the important achievements of the university and focused on starting of new courses, especially science programmes.

The Foundation Day lecture was delivered by Dr Sanjeev Sanyal, Principal Economic Adviser, Government of India. He stressed the need for practical life education for the students so that they can know the actual world by coming out of a bookish world.

State Higher Education Minister Arun Sahoo, former Chief Minister Giridhar Gamang, UGC Chairman Prof DP Singh and CUO Chancellor Prof PV Krishna Bhatt praised the CUO for moving one step ahead in the pandemic situation by conducting the Home Based Open Book Examination.

# CUO 12th Foundation Day fest today

**PNS** ■ KORAPUT

The Central University of Odisha (CUO), Koraput will celebrate its 12th Foundation Day on August 29 in virtual mode. President Ram Nath Kovind and the visitor of the CUO greeted the university ahead of the event.

Governor Prof Ganeshi Lal will address the gathering with a video lecture and a message. Union Minister of Education Dr Ramesh Pokhriyal 'Nishank, Minister of Petroleum and Natural Gas and Steel Dharmendra Pradhan and Minister of State for Education, Sanjay Dhotre will attend the programme in virtual mode and will lay the foundation stones of the academic block, library building and staff quarters of the university.

Vice-Chancellor Prof I Ramabrahmam will preside over the meeting while



Principal Economic Advisor to Government of India Dr Sanjeev Sanyal will deliver the Foundation Day Lecture.

Chief Minister Naveen Patnaik, Minister of Higher Education, Arun Kumar Sahoo, Koraput MP Saptagiri Sankar Ulaka, former Chief Minister Giridhar Gamang and Chairman, University Grants Commission Prof DP Singh have greeted the university as well.

On the occasion, a souvenir commemorating the occasion will be released. The Vice-Chancellor will unfurl the CUO flag.

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

କୋରାପୁଟ,୨୯/୮(ଇମିସ): କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପ୍ରତିଷ୍ଠା ଦିବସ ଅବସରରେ ରାଷ୍ଟ୍ରପତି ତଥା ବିଶ୍ୱବିଦ୍ୟାଳୟର ଭିଜିଟର୍ ରାମନାଥ କୋବିନ୍ଦ ବିଶ୍ୱବିଦ୍ୟାଳୟର ଉନ୍ନତି କାମନା କରିବା ସହିତ ଶୁଭେଚ୍ଛା ପ୍ରଦାନ କରିଥିଲେ। ମୂଲ୍ୟବୋଧଯୁକ୍ତ ଶିକ୍ଷାକୁ ଗୁରୁତ୍ୱ ଦେବା ସହିତ ସେ ଯୁବଶକ୍ତିର ପ୍ରତିଷ୍ଠା ନେଇ ନୂତନ ଆଶା ସଂଚାର କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶିକ୍ଷାର ମୂଳ ଭିତ୍ତି ଓ ଆଦର୍ଶ ପ୍ରସଙ୍ଗ ଉତ୍ଥାପନ କରିବା ସହିତ ଅତୀତ ଓ ସାଂପ୍ରତିକ ଭାରତର ମହତ୍ୱପୂର୍ଣ୍ଣ ଯୋଗଦାନକୁ ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି



ପ୍ରଫେସର ଆଇ. ରାମବ୍ରହ୍ମମ୍ ପତାକା ଉତ୍ତୋଳନ କରି ଆରମ୍ଭ କରିଥିଲେ। ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରୀୟାଲ ନିଶଙ୍କ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅନ୍- ଲାଇନ୍ ପ୍ରତିଷ୍ଠା ଦିବସ ପାଳନରେ ନିଜର ବାର୍ତ୍ତା ପ୍ରଦାନ କରିବା ସହିତ ନୂତନ କେନ୍ଦ୍ରୀୟ ପାଠାଗାର, ଶୈକ୍ଷିକ ଗୃହ, ଷ୍ଟାଫ କ୍ୱାର୍ଟର, ଅଫିସ/ପ୍ରଶାସନିକ ଗୃହ ଆଦିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରୀୟାଲ ନିଶଙ୍କ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମହାମାରୀ କୋଭିଡ- ୧୯ ସମୟରେ ଭରସା ଭଳି କାର୍ଯ୍ୟକ୍ରମ ଦ୍ୱାରା କରୋନା ବିରୋଧରେ କରାଯାଇଥିବା ସଚେତନତା ମୂଳକ କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଥିଲେ । ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିଷ୍ଠା ଦିବସ ପାଇଁ ଶୁଭେଚ୍ଛା ବାର୍ତ୍ତା ଦେବା ସହିତ କୋରାପୁଟ ତଥା ଓଡ଼ିଶାର ଶୈକ୍ଷିକ ବିକାଶ ସହିତ ରାଷ୍ଟ୍ରର ବିକାଶ ଏବଂ କେତେକ ସ୍ୱତନ୍ତ୍ର ଦିଗରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ନେଇ ଆଶା ସଂଚାର କରିଥିଲେ । ନୂତନ ଶିକ୍ଷା ନୀତି ଆଧାରରେ ଶୈକ୍ଷିକ ପ୍ରତିଷ୍ଠାନ ଏବଂ ଶିଳ୍ପସଂସ୍ଥାକୁ ଯୋଡିହୋଇ ଜନଜାତୀୟ ଓ ନୃତାତ୍ତ୍ୱିକ ବିଷୟ ସମ୍ପର୍କିତ ଗବେଷଣାଦ୍ୱାରା ସାମୂହିକ ବିକାଶ ସାଧିତ ହୋଇପାରିବ ବୋଲି ମତ ରଖିଥିଲେ। ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ୍ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। କୁଳପତି ଉତ୍ସବରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଶ୍ୱବିଦ୍ୟାଳୟର ନୂତନ ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ । ମୁଖ୍ୟ ଅର୍ଥ ପରାମର୍ଶଦାତା ଡଃ ସଂଜୀବ ସାନ୍ୟାଲ୍ ବକ୍ତା ଭାବେ ଯୋଗ ଦେଇ ଯୁବ ସମାଜକୁ ନିଜର ସକାରାତ୍ମକ ଦୃଷ୍ଟି ଓ କର୍ମଦ୍ୱାରା ଅନୁପ୍ରାଣିତ ହେବା ସହିତ ବାସ୍ତବ ଜୀବନରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ଓ ୟୁଜିସିର ଅଧ୍ୟକ୍ଷ ପ୍ରଫେସର ଡି.ପି. ସିଂହ ପ୍ରମୁଖ ବିଶ୍ୱବିଦ୍ୟାଳୟର ଉନ୍ନତି କାମନାପୂର୍ବକ ନିଜର ଅଭିନନ୍ଦନ ବାର୍ତ୍ତା ଜଣାଇଥିଲେ । ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପି.ଭି.କ୍ରିଷ୍ଣାଭଟ୍ଟ ନିଷ୍ଠାପରତା ଓ ଶ୍ରମ ହିଁ ଭବିଷ୍ୟତର ସମ୍ପଦ ବୋଲି କହିଥିଲେ । ଏହି ଅବସରରେ ୧୨ଟି ବୃକ୍ଷ କୁଳପତିଙ୍କଦ୍ୱାରା ରୋପଣ କରାଯାଇଥିଲା । ଏହା ସହ ସ୍ମୃତିମୟ ଏକାଦଶ ବର୍ଷର ଅନୁଭୂତିକୁ ଭିତ୍ତି କରି ପ୍ରସ୍ତୁତ ହୋଇଥିବା 'ସ୍ମରଣିକା'କୁ ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରୀୟାଲ ନିଶଙ୍କ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଦ୍ୱାରା ମିଳିତ ଭାବେ ଉନ୍ମୋଚନ କରିଥିଲେ । ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ପ୍ରଫେସର ଶରତ କୁମାର ପଲିତା ସ୍ୱାଗତ ଭାଷଣ ଦେଇଥିଲାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅସିତ କୁମାର ଦାସ। ସାମ୍ବାଦିକତା ଓ ଜନସଞ୍ଚାର ବିଭାଗର ଅଧ୍ୟାପକ ଡଃ ସୌରଭ ଗୁପ୍ତା କାର୍ଯ୍ୟକ୍ରମର ସଂଚାଳନ କରିଥିଲେ।

## ଭିସିରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଶିଳାନ୍ୟାସ କାର୍ଯ୍ୟକ୍ରମ

# ଆତ୍ମନିର୍ଭର ଭାରତ ନିର୍ମାଣରେ ଅଗ୍ରଣୀ ଭୂମିକା ନେବ: ଧର୍ମେନ୍ଦ୍ର

- ବିଶ୍ୱବିଦ୍ୟାଳୟର ଏକାଡେମିକ ବ୍ଲକ, ଗ୍ରନ୍ଥାଗାର, ଷ୍ଟାଫ୍ କ୍ୱାର୍ଟର୍ସର ଶିଳାନ୍ୟାସ
- ଛାତ୍ରଛାତ୍ରୀଙ୍କୁ ମାନସିକ ଚାପରୁ ମୁକ୍ତ ରଖିବା ପାଇଁ 'ଭରସା' ହେଲ୍‌ପଲାଇନ୍‌କୁ ପ୍ରଶଂସା
- ପ୍ରଧାନମନ୍ତ୍ରୀଙ୍କ ଶିକ୍ଷା ସଂସ୍କାର କୋରାପୁଟ ଭଳି ଆକାଂକ୍ଷୀ ଜିଲ୍ଲାର ସାମୂହିକ ବିକାଶ କରିବ
- ପ୍ରଧାନମନ୍ତ୍ରୀ ମୋଦି ସର୍ବଦା ଓଡ଼ିଶାକୁ ଶିକ୍ଷା କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେଉଛନ୍ତି




ଭୁବନେଶ୍ୱର,୨୯।୮(ବ୍ୟୁରୋ): ଓଡ଼ିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିଶ୍ରମ ବଳରେ ନୂଆ ଶିକ୍ଷା ନୀତି ମାଧ୍ୟମରେ ଆତ୍ମନିର୍ଭର ଭାରତ ନିର୍ମାଣରେ ଅଗ୍ରଣୀ ଭୂମିକା ନିର୍ବାହ କରିବ ବୋଲି ଶନିବାର ଭିଡିଓ କନଫରେନ୍ସିଂ ଜରିଆରେ ଏହି ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ପ୍ରତିଷ୍ଠା ଦିବସରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କଙ୍କ ସହ ଶ୍ରୀ ପ୍ରଧାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଏକାଡେମିକ ବ୍ଲକ, ଗ୍ରନ୍ଥାଗାର ଏବଂ ଷ୍ଟାଫ୍ କ୍ୱାର୍ଟର୍ସର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ସାଂପ୍ରତିକ ସମୟରେ ବୈଶ୍ୱିକ କରୋନା ମହାମାରୀ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆହ୍ୱାନ ସଦୃଶ ହୋଇଛି। ମାତ୍ର ଏହି ମହାମାରୀରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାନସିକ ଚାପରୁ ମୁକ୍ତ ରଖିବା ଓ ଦୃଢ଼ କରିବା ଲକ୍ଷ୍ୟରେ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଭରସା' ହେଲ୍‌ପଲାଇନ୍‌କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ୍ ନିଶଙ୍କଙ୍କ ଦ୍ୱାରା ପୂର୍ବରୁ ଶୁଭାରମ୍ଭ କରାଯିବା ଖୁସିର ବିଷୟ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅଣାଯାଇଥିବା ଶିକ୍ଷା ସଂସ୍କାର ଆଞ୍ଚଳିକ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ ମଧ୍ୟରେ ସହଯୋଗ ସୃଷ୍ଟି କରିବ ଏବଂ କୋରାପୁଟ ଭଳି ଆକାଂକ୍ଷୀ ଜିଲ୍ଲାର ସାମୂହିକ ବିକାଶ କରିବ। ନୂତନ ଶିକ୍ଷା ନୀତି ବ୍ୟାପକ-ଆଧାରିତ ଓ ସୃଜନଶୀଳ ପାଠ୍ୟକ୍ରମ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ସୁଯୋଗ ଆଣିବ ଏବଂ ରାଜ୍ୟରେ ଜନଜାତି ଆଧାରିତ ଗବେଷଣା ଏବଂ ନୃତାତ୍ତ୍ୱିକ ପାଠ୍ୟକ୍ରମକୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ସର୍ବଦା ଓଡ଼ିଶାକୁ ଶିକ୍ଷା କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସମ୍ବଲପୁରରେ ଆଇଆଇଏମ୍, ବ୍ରହ୍ମପୁରରେ ଆଇଜର, ଭୁବନେଶ୍ୱରରେ ଆଇସିଟି-ଆଇଓସିଏଲ୍, ଭାରତୀୟ ଦକ୍ଷତା କେନ୍ଦ୍ର ଏବଂ ଏନ୍ଏସ୍‌ଟିଆଇ, ଆଇଆଇଟି ଭୁବନେଶ୍ୱର, ସିପେଟ୍ ଏବଂ ଜଟଣୀରେ ନାଇଜର ଭଳି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇପାରିଛି।

ରାଜ୍ୟର କୋରାପୁଟସ୍ଥିତ ଏହି କେନ୍ଦ୍ରୀୟ ବିଦ୍ୟାଳୟ ପଶ୍ଚିମ ଓଡ଼ିଶାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଏବଂ ଆଉଟଲୁକ୍ ପତ୍ରିକାର ଆଇକେୟାରରେ ଭାରତ ବିଶ୍ୱବିଦ୍ୟାଳୟ ର‌୍ୟାଙ୍କିଂରେ ଶ୍ରେଷ୍ଠ ୨୫ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରାଙ୍କିଂରେ ନିଜକୁ ପ୍ରତିଷ୍ଠିତ କରିପାରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ଗବେଷଣା ଓ ଉଦ୍ୟମୀଙ୍କ ପାଇଁ ନୂଆ ପ୍ରଚେଷ୍ଟା କରିବା ପାଇଁ ଆହ୍ୱାନ କରିବା ସହ କୋରାପୁଟର ଜୈବିକ କୃଷି ଉତ୍ପାଦିତ ସାମଗ୍ରୀର ବଜାର ସୃଷ୍ଟି କରିବା ପାଇଁ ଉଦ୍ୟମ କରୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ୍ ନିଶଙ୍କ କହିଛନ୍ତି, କେନ୍ଦ୍ର ବିଶ୍ୱବିଦ୍ୟାଳୟ ଓଡ଼ିଶାର ଆଶାର କେନ୍ଦ୍ର ହୋଇପାରିଛି। ଓଡ଼ିଶାର ପ୍ରତିଭାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବିଶ୍ୱ ଦରବାରରେ ପରିଚିତ କରିବାରେ ମୁଖ୍ୟ ଭୂମିକା ନେବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ନିକଟରେ ଅଣାଯାଇଥିବା ନୂଆ ଶିକ୍ଷା ନୀତି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଗରେ ନୂଆ ଦିଗଦର୍ଶନ ଦେବ। ଏହି ଶିକ୍ଷା ନୀତି କେବଳ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ କରିବ ନାହିଁ ବରଂ ସମାଜକୁ ଆଗକୁ ନେବାରେ ମଧ୍ୟ ସହାୟକ ହେବ ବୋଲି ସେ କହିଛନ୍ତି।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ପ୍ରତିଷ୍ଠା ଦିବସ

# ମୂଲ୍ୟବୋଧ ଭିତ୍ତିକ ଶିକ୍ଷାରେ ଯୁବଶକ୍ତି ପ୍ରତିଷ୍ଠା ହେଉ: ରାଷ୍ଟ୍ରପତି





## ନୂତନ ଶିକ୍ଷା ନୀତି ଆଧାରରେ ଆତ୍ମନିର୍ଭର ଭାରତ ଗଠନରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଗ୍ରଣୀ ଭୂମିକା ନେବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର/ସୁନାବେଡ଼ା,୨୯।୮(ନି.ପ୍ର.): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ପ୍ରତିଷ୍ଠା ଦିବସ ଅନ୍‌ଲାଇନ ମାଧ୍ୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଶ୍ୱବିଦ୍ୟାଳୟର ଉନ୍ନତି କାମନା କରିବା ସହ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ମୂଲ୍ୟବୋଧଯୁକ୍ତ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ଯୁବଶକ୍ତିର ପ୍ରତିଷ୍ଠା ନେଇ ନୂତନ ଆଶା ସଞ୍ଚାର କରିଥିଲେ।

ସେହିଭଳି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ଶିକ୍ଷାର ମୂଳ ଭିତ୍ତି ଓ ଆଦର୍ଶ ପ୍ରସଙ୍ଗ ଉତ୍ଥାପନ କରିବା ସହ ଅତୀତ ଓ ସାଂପ୍ରତିକ ଭାରତର ମହତ୍ୱପୂର୍ଣ୍ଣ ଯୋଗଦାନକୁ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ୍ ବିଶ୍ୱବିଦ୍ୟାଳୟର ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରିୟାଲ 'ନିଶଙ୍କ', କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ଓ ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ବାର୍ତ୍ତା ପ୍ରଦାନ କରବା ସହ ନୂତନ କେନ୍ଦ୍ରୀୟ ପାଠାଗାର, ଶୈକ୍ଷିକ-ଗୃହ, ଷ୍ଟାଫ-କ୍ୱାର୍ଟର, ଅଫିସ/ପ୍ରଶାସନିକ ଗୃହ ଆଦିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରିୟାଲ 'ନିଶଙ୍କ' ମହାମାରୀ କୋଭିଡ-୧୯ ସମୟରେ 'ଭରୋସା' ଭଳି କାର୍ଯ୍ୟକ୍ରମ ଦ୍ୱାରା କୋରନା ବିରୋଧରେ କରିଥିବା ସଚେତନତାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟ ଅନ୍-ଲାଇନ୍ ପାଠପଢା ଏବଂ ସଫଳତାର ସହ ଶେଷ କରିଥିବା ପରୀକ୍ଷାକୁ ଏକ ଉଦାହରଣ ଭାବେ ପ୍ରଶଂସା କରିଥିଲେ। ସେହିଭଳି 'ନୂତନ ଶିକ୍ଷା ନୀତି-୨୦୨୦' ଆଧାରରେ ଶିକ୍ଷା ଓ ତାହାର ବିବିଧ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ତାହାର ସକରାତ୍ମକ ଦିଗଗୁଡ଼ିକୁ ଉଲ୍ଲେଖ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କୋରାପୁଟ ତଥା ଓଡ଼ିଶାର ଶୈକ୍ଷିକ ବିକାଶ ସହ ରାଷ୍ଟ୍ରର ବିକାଶ ଏବଂ କେତେକ ସ୍ୱତନ୍ତ୍ର ଦିଗରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବା ନେଇ ଆଶା ପ୍ରକାଶ କରିଥିଲେ। ବିଭିନ୍ନ ଅନୁଷ୍ଠାନ/ ପ୍ରତିଷ୍ଠାନ ଯଥା: 'ନାଲକୋ' ଏବଂ 'ହାଲ୍' ଭଳି ଶିଳ୍ପସଂସ୍ଥା ସହ ଅନୁବନ୍ଧିତ ହୋଇ ଆଞ୍ଚଳିକ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବା ଉଚିତ ବୋଲି ସେ ମତ ରଖିଥିଲେ। 'ନୂତନ ଶିକ୍ଷା ନୀତି ଆଧାରରେ ଶୈକ୍ଷିକ ପ୍ରତିଷ୍ଠାନ ଏବଂ ଶିଳ୍ପସଂସ୍ଥାକୁ ଯୋଡିହୋଇ ଜନଜାତୀୟ ଓ ନୃତାତ୍ତ୍ୱିକ ସଂକ୍ରାନ୍ତ ଗବେଷଣା ଦ୍ୱାରା ସାମୂହିକ ବିକାଶ ସାଧିତ ହୋଇପାରିବ ବୋଲି ମତ ରଖିଥିଲେ।

କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ୍ ସଭାପତିତ୍ୱ କରି ନୂତନ ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅର୍ଥ ପରାମର୍ଶଦାତା ତଥା ସୁଲେଖକ ଡ. ସଂଜୀବ ସାନ୍ୟାଲ୍ ବକ୍ତା ଭାବେ ଯୋଗଦେଇ ସମ୍ପ୍ରତି ଯୁବ ସମାଜକୁ ନିଜର ସକାରାତ୍ମକ ଦୃଷ୍ଟି ଓ କର୍ମ ଦ୍ୱାରା ଅନୁପ୍ରାଣିତ ହେବା ସହ ବାସ୍ତବ ଜୀବନରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଆବଶ୍ୟକତାର ମୌଳିକ ଆସ୍ଥା ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ଏବଂ ୟୁଜିସିର ଅଧ୍ୟକ୍ଷ ପ୍ରଫେସର ଡି.ପି. ସିଂହ ପ୍ରମୁଖ ନିଜର ଅଭିନନ୍ଦନ ବାର୍ତ୍ତା ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱବିଦ୍ୟାଳୟର ବିବିଧ ପଦକ୍ଷେପ ଓ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ତାଙ୍କର ବିଗତ ସ୍ମୃତିକୁ ରୋମନ୍ଥନ କରିବା ସହ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ଅନେକ ନୂତନ ସକାରାତ୍ମକ କାର୍ଯ୍ୟ କରିବା ନେଇ ଆଶାପୋଷଣ କରିଥିଲେ। ୟୁଜିସିର ଅଧ୍ୟକ୍ଷ ପ୍ରଫେସର ଡି.ପି. ସିଂହ ନୂତନ ଶିକ୍ଷା ନୀତିର ପ୍ରୟୋଗ ଓ ଆୟାମ ସହ ତା'ର ରୂପାନ୍ତରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁରୂପ ଭାବେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପି.ଭି.କ୍ରିଷ୍ଣଭଟ୍ଟ ବିଶ୍ୱବିଦ୍ୟାଳୟର ସମୃଦ୍ଧି ଓ ବିକାଶ ପାଇଁ ନିଷ୍ଠାପରତା ଓ ଶ୍ରମ ହିଁ ଭବିଷ୍ୟତର ସମ୍ପଦ ହେବ ବୋଲି କହିବା ସହ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । କୁଳପତିଙ୍କ ଦ୍ୱାରା ୧୨ଟି ଚାରାରୋପଣ କରାଯାଇଥିଲା । ଏହାସହ ଏକ ସ୍ମରଣିକା ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରିୟାଲ 'ନିଶଙ୍କ' ଏବଂ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ମିଳିତ ଭାବେ ଉନ୍ମୋଚିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ପ୍ରଫେସର ଶରତ କୁମାର ପଲିତା ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ଡଃ ଅସିତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକତା ଓ ଜନସଞ୍ଚାର ବିଭାଗର ଅଧ୍ୟାପକ ଡ. ସୌରଭ ଗୁପ୍ତା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ଲୋକସମ୍ପର୍କ ଅଧିକାରୀ ଡଃ ଫଗୁନାଥ ଭୋଇ ଜଣାଇଛନ୍ତି।